# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 27 January – 2026

*********************************

## ମୁଖ୍ୟ ସମ୍ବାଦ

- ସଂସଦର ବଜେଟ୍ ଅଧିବେଶନ ଆସନ୍ତାକାଲିଠାରୁ ହେବ ଆରମ୍ଭ; ଉଭୟ ସଦନର ମିଳିତ ଅଧିବେଶନକୁ ସମ୍ବୋଧନ କରିବେ ରାଷ୍ଟ୍ରପତି
- ଓଡ଼ିଶାକୁ ଏକ ଅଗ୍ରଣୀ ଶିଳ୍ପସମୃଦ୍ଧ ରାଜ୍ୟରେ ପରିଣତ କରିବା ପାଇଁ ସରକାର ସଂକଳ୍ପବଦ୍ଧ, କହିଲେ ମୁଖ୍ୟମନ୍ତ୍ରୀ

— ସମ୍ବଲପୁର ଲପଙ୍ଗାଠାରେ ୨୬ ହଜାରରୁ ଊର୍ଦ୍ଧ୍ୱ କୋଟି ଟଙ୍କାର ପ୍ରକଳ୍ପର କଲେ ଉଦ୍‌ଘାଟନ ଓ ଶିଳାନ୍ୟାସ

- ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ପରିପ୍ରେକ୍ଷୀରେ ଆଜି ପୁରୀରେ ଅନୁଷ୍ଠିତ ହେଲା ନୀତି ସବ୍‌କମିଟି ଓ ଛତିଶାନିଯୋଗ ବୈଠକ
- ଜନଜାତି ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମନ୍ତେ ସହିଦ୍ ଲକ୍ଷ୍ମଣ ନାୟକ ବିଦ୍ୟାଳୟ ନିର୍ମାଣ କରିବାକୁ ଲକ୍ଷ୍ୟ ରଖିଛନ୍ତି ସରକାର

ଏବଂ

- ରାଜ୍ୟକୁ କୁପୋଷଣମୁକ୍ତ କରିବା ପାଇଁ ତୃଣମୂଳସ୍ତରରେ ସଚେତନତା ଆବଶ୍ୟକ; କହିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା

# ଅଲ୍ ପାର୍ଟି ମିଟିଂ

ସଂସଦର ବଜେଟ୍ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହେଉଛି । ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକ ଆସନ୍ତା ଏପ୍ରିଲ୍ ମାସ ୨ ତାରିଖ ପର୍ଯ୍ୟନ୍ତ ଚାଲିବ । ପ୍ରଥମ ପର୍ଯ୍ୟାୟ ଆସନ୍ତାକାଲିଠାରୁ ଫେବୃୟାରୀ ୧୩ ତାରିଖ ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୯ରୁ ଏପ୍ରିଲ୍ ୨ ତାରିଖ ପର୍ଯ୍ୟନ୍ତ ଚାଲିବା ନେଇ କାର୍ଯ୍ୟସୂଚୀ ସ୍ଥିର ହୋଇଛି । ଅଧିବେଶନ କାଳରେ ୩୦ଟି ବୈଠକ ଅନୁଷ୍ଠିତ ହେବ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ଉଭୟ ସଦନର ମିଳିତ ଅଧିବେଶନକୁ ସମ୍ବୋଧନ କରିବେ । ଆସନ୍ତା ମାସ ପହିଲାରେ ସଂସଦରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ୍ ଉପସ୍ଥାପନ କରାଯିବ ।

ଅଧିବେଶନର ଅବ୍ୟବହିତ ପୂର୍ବରୁ ନୂଆଦିଲ୍ଲୀର ସଂସଦ ଭବନ ସମ୍ମିଳନୀ କକ୍ଷରେ ଆଜି ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି । ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ରାଜନୈତିକ ଦଳର ବରିଷ୍ଠ ସଦସ୍ୟ ତଥା ପ୍ରତିନିଧି ଅଂଶଗ୍ରହଣ କରିଥିଲେ । ବିଭିନ୍ନ ପ୍ରମୁଖ ପ୍ରସଙ୍ଗ ଏବଂ ସଂସଦର ଅଧିବେଶନକୁ ସୁରୁଖୁରୁରେ ସମ୍ପନ୍ନ କରିବା ଲକ୍ଷ୍ୟ ନେଇ ବୈଠକରେ ମତ ବିନିମୟ ହୋଇଛି ।

ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି, ଅଧିବେଶନକୁ ସୁରୁଖୁରୁରେ ଚଳାଇବା ନେଇ ସବୁ ରାଜନୈତିକ ଦଳର ସହଯୋଗ କାମନା କରାଯାଇଛି ।

# ମୁଖ୍ୟମନ୍ତ୍ରୀ

ଓଡ଼ିଶାକୁ ଏକ ଅଗ୍ରଣୀ ଶିଳ୍ପ ସମୃଦ୍ଧ ରାଜ୍ୟରେ ପରିଣତ କରିବା ପାଇଁ ସରକାର ସଂକଳ୍ପବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସମ୍ବଲପୁର ଲପଙ୍ଗାଠାରେ ଆଜି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ରାଜ୍ୟ ଏବେ କେବଳ କଞ୍ଚାମାଲ ଉତ୍ପାଦନରେ ସୀମିତ ନ ରହି ଆଧୁନିକ ମ୍ୟାନୁଫ୍ୟାକ୍ଚରିଙ୍ଗ୍ ଓ ଭ୍ୟାଲୁ ଆଡିସନ୍ କ୍ଷେତ୍ରରେ ବିଶ୍ୱସ୍ତରୀୟ ହବ୍ ଭାବରେ ଉଭା ହେଉଛି। ଶିଳ୍ପ ହିଁ ସମୃଦ୍ଧିର ଆଧାର ଏବଂ ଓଡ଼ିଶା ଆଗାମୀ ଦିନରେ ଦେଶର ଅର୍ଥନୈତିକ ପ୍ରଗତିର ସବୁଠାରୁ ଶକ୍ତିଶାଳୀ ସ୍ତମ୍ଭ ସାଜିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି....

**- V/O -(CM)**

ପ୍ରାୟ ୨୬ ହଜାର ୯୯୬ କୋଟି ଟଙ୍କା ସମୁଦାୟ ନିବେଶରେ ଦେଶର ପ୍ରଥମ ଆଲୁମିନିୟମ୍ ଫ୍ଲାଟ୍ ରୋଡ୍ ପ୍ରଡକ୍ଟ ୟୁନିଟ୍ ଏବଂ ଆଲୁମିନିୟମ୍ ବ୍ୟାଟେରୀ ଫଏଲ୍ ପ୍ଲାଣ୍ଟ ସହ ସ୍ମେଲଟିଂ କ୍ଷମତା ସମ୍ପ୍ରସାରଣ ଭଳି ଅତ୍ୟାଧୁନିକ ପ୍ରକଳ୍ପ ରାଜ୍ୟର ଶିଳ୍ପାୟନ ଇତିହାସରେ ଆଜି ଏକ ନୂଆ ଅଧ୍ୟାୟ ଯୋଡିଛି। ପଦକ୍ଷେପ ଦ୍ୱାରା ପ୍ରାୟ ୫ ହଜାର ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ବିଶେଷକରି ଏହା ପଶ୍ଚିମ ଓଡ଼ିଶାର ଯୁବ ସମାଜ ପାଇଁ ପ୍ରଗତିର ନୂଆ ଦ୍ୱାର ଉନ୍ମୁକ୍ତ କରିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

## ରାଷ୍ଟ୍ରପତି-ଛତିଶାନିଯୋଗ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ମାସ ୩ ତାରିଖରେ ପୁରୀ ଗସ୍ତରେ ଆସି ଶ୍ରୀଜୀଉଙ୍କୁ ଦର୍ଶନ କରିବେ। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଆଜି ଅପରାହ୍ଣରେ ଶ୍ରୀମନ୍ଦିର ପ୍ରଶାସକଙ୍କ ଅଧ୍ୟକ୍ଷତାରେ ନୀତି ସବ୍‌କମିଟି ଓ

ଛତିଶାନିଯୋଗର ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ଶ୍ରୀଜୀଉମାନଙ୍କର ନୀତିକାନ୍ତି ଶୃଙ୍ଖଳିତ କରିବା ନେଇ ଆଲୋଚନା କରାଯାଇଛି । ୪ ତାରିଖରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଶ୍ୱେତଗଙ୍ଗାରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରିବାର କାର୍ଯ୍ୟସୂଚୀ ରହିଛି । ପିଣ୍ଡଦାନ ପରେ ରାଷ୍ଟ୍ରପତି ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କ ଦର୍ଶନ କରିବେ । ସେହିଦିନ ସକାଳ ୪ଟା ସୁଦ୍ଧା ଜୟବିଜୟ ଦ୍ୱାର ଫିଟା ନୀତି କରାଯିବାକୁ ସ୍ଥିରିକୃତ କରାଯାଇଛି । ଏ ନେଇ ଆଜି ବୈଠକରେ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି । ପୁରୀ ଆରକ୍ଷୀ ଅଧିକ୍ଷକ ପାଳିଆ ସେବାୟତମାନଙ୍କୁ ସ୍ୱତନ୍ତ୍ର ପାସ୍ ପ୍ରଦାନ କରିବେ । ରାଷ୍ଟ୍ରପତିଙ୍କ ସୁରକ୍ଷା ଦୃଷ୍ଟିକୋଣରୁ ସକାଳ ୬ଟା ସୁଦ୍ଧା ଶ୍ରୀମନ୍ଦିର ସୌଧ କରାଯିବ । ସକାଳ ୮ଟା ୨୦ ମିନିଟ୍ ସୁଦ୍ଧା ରାଷ୍ଟ୍ରପତି ଶ୍ରୀମନ୍ଦିରରୁ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟସୂଚୀ ରହିଥିବାନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି ।

## ପ୍ରଦୂଷଣ ପ୍ରମାଣପତ୍ର

ରାଜ୍ୟରେ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର- ପିୟୁସିସି ନଥିଲେ ମଧ୍ୟ ଗାଡି ଚାଳକମାନଙ୍କୁ ପେଟ୍ରୋଲ ମିଳିପାରିବ । ଏ ନେଇ ରାଜ୍ୟ ସରକାର ଉଚ୍ଚନ୍ୟାୟାଳୟରେ ସତ୍ୟପାଠ ଦାଖଲ କରିଛନ୍ତି । ପୂର୍ବରୁ ଥିବା ନିୟମରେ ପରିବର୍ତ୍ତନ କରିବା ସହ ବାହନ ପୋର୍ଟାଲରେ ସଂଶୋଧନ ଓ ସ୍ୱତନ୍ତ୍ର ବିଜ୍ଞପ୍ତି ଜାରି କରିବାକୁ ସରକାରଙ୍କୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ଏକ ସପ୍ତାହ ମଧ୍ୟରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ ।

## ବନକଲାଗି

ମାଘ ଶୁକ୍ଳ ଦଶମୀ ତିଥିରେ ଆସନ୍ତାକାଲି ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଠାକୁରଙ୍କର ଏହି ନୀତି ଲାଗି ହେବ। ବନକଲାଗି ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ସମୟରେ ଶ୍ରୀଜୀଉମାନଙ୍କର ଦର୍ଶନ ବନ୍ଦ ରହିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି।

## ନିତ୍ୟାନନ୍ଦ ଗଣ୍ଡ

ରାଜ୍ୟର ଜନଜାତି ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ଯୋଗାଇ ଦେବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ଜନଜାତି ବହୁଳ ଜିଲ୍ଲାରେ ଛାତ୍ରଛାତ୍ରୀଙ୍କ ପାଇଁ ସହିଦ ଲକ୍ଷ୍ମଣ ନାୟକ ବିଦ୍ୟାଳୟ ନିର୍ମାଣ ହେବ। ଏ ସମ୍ପର୍କରେ ସରକାର ନୂତନ ଯୋଜନା ଆଣିବାକୁ ବିଚାର ବିମର୍ଶ କରୁଛନ୍ତି। ପ୍ରଥମ ପର୍ଯ୍ୟାୟରେ ସମସ୍ତ ଜନଜାତି ଉନ୍ନୟନ ପରିଷଦ ଜିଲ୍ଲାରେ ଏହି ବିଦ୍ୟାଳୟ ନିର୍ମାଣ କରାଯିବ। ଏଥିପାଇଁ ୧୦୦ କୋଟି ଟଙ୍କାର ବ୍ୟୟବରାଦ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି।

**- V/O - (**ନିତ୍ୟାନନ୍ଦ ଗଣ୍ଡ**)**

## ପ୍ରଭାତୀ ପରିଡା

ରାଜ୍ୟକୁ କୁପୋଷଣମୁକ୍ତ କରିବା ପାଇଁ ତୃଣମୂଳସ୍ତରରେ  ସଚେତନତା ଆବଶ୍ୟକ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି।

ଭୁବନେଶ୍ୱରସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରଶିକ୍ଷଣ କେନ୍ଦ୍ର ପରିସରରେ ସୁପୋଷିତ ଓଡ଼ିଶା ମିଶନ ଅନ୍ତର୍ଗତ ରାଜ୍ୟସ୍ତରୀୟ ଦୁଇଦିନିଆ ଦକ୍ଷତା ବିକାଶ କର୍ମଶାଳାର ଶୁଭାରମ୍ଭ କରି ଶ୍ରୀମତୀ ପରିଡା କହିଛନ୍ତି, ସରକାର ସଫଳତାର ସହ ୫୫ ହଜାର ଅଙ୍ଗନୱାଡି କେନ୍ଦ୍ରକୁ ନିଜସ୍ୱ ଗୃହ ଯୋଗାଇ ଦେଇଛନ୍ତି। ଓଡ଼ିଶା ଖୁବ୍ ଶୀଘ୍ର ଏକ ସୁସ୍ଥ ଏବଂ ସମୃଦ୍ଧ ରାଜ୍ୟରେ ପରିଣତ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି।

**- V/O -(ପ୍ରଭାତୀ ପରିଡା)**

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପଞ୍ଚତତ୍ତ୍ୱ ପାର୍କର ଉଦ୍‌ଘାଟନ ଏବଂ ସୁଭଦ୍ରା ସାଧନ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ମାଳତୀ ଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ ଯୋଜନା ଅଧୀନରେ ଶିଶୁମାନଙ୍କ ପାଇଁ ପୋଷାକ ଓ ଶୀତବସ୍ତ୍ର ମୂଲ୍ୟରେ ସଂଶୋଧନ କରି ସରକାର ମହିଳା ଓ ଶିଶୁଙ୍କ କଲ୍ୟାଣ ପାଇଁ ପ୍ରତିବଦ୍ଧ ବୋଲି ଶ୍ରୀମତୀ ପରିଡା କହିଛନ୍ତି।

## ତାଲିମ୍ କାର୍ଯ୍ୟକ୍ରମ

ରାଜ୍ୟରେ ଦେବୋତ୍ତର ବିଭାଗକୁ ଅଧିକ ଶୃଙ୍ଖଳିତ କରିବାରେ ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ ବୋଲି ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଭୁବନେଶ୍ୱର ୟୁନିଟ୍-୨ ସ୍ଥିତ ସଚିବାଳୟ ତାଲିମ ପ୍ରତିଷ୍ଠାନ ପରିସରରେ ଦେବୋତ୍ତର ନିରୀକ୍ଷକ, ଅଡିଟର ଏବଂ ଅନ୍ୟ ଅଧିକାରୀଙ୍କ ତାଲିମ କାର୍ଯ୍ୟକ୍ରମକୁ  ଉଦ୍‌ଘାଟନ କରି ମନ୍ତ୍ରୀ କହିଛନ୍ତି, ମନ୍ଦିରଗୁଡ଼ିକର ରୀତିନୀତିଠାରୁ ଆରମ୍ଭ କରି ସମସ୍ତ ସେବା, ପୂଜା, ମନ୍ଦିର ସମ୍ପତ୍ତିର ରକ୍ଷଣାବେକ୍ଷଣ ଓ ଆୟବ୍ୟୟର ହିସାବ ରକ୍ଷଣରେ ଦେବୋତ୍ତର ବିଭାଗର

ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବିଭାଗ ଅଧୀନରେ ଥିବା ସମସ୍ତ ପୁରାତନ ମନ୍ଦିରର ବିସ୍ତୃତ ତଥ୍ୟ ୱେବ୍‌ସାଇଟ୍‌ରେ ଉପଲବ୍ଧ କରିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାଦ୍ୱାରା ଗବେଷକ, ପର୍ଯ୍ୟଟକ ଏବଂ ଜନସାଧାରଣଙ୍କୁ ମନ୍ଦିର ସମ୍ପର୍କରେ ଅଧିକ ଜାଣିବାର ସୁଯୋଗ ମିଳିପାରିବ। ନବନିଯୁକ୍ତ ଅଧିକାରୀ ଓ କର୍ମଚାରୀମାନେ ଆଇନ୍‌କୁ ଭଲଭାବେ ଅନୁଶୀଳନ କରି କାର୍ଯ୍ୟ କଲେ ଅନେକ ସମସ୍ୟାର ସହଜ ସମାଧାନ ହୋଇପାରିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମତ ବ୍ୟକ୍ତ କରିଛନ୍ତି।

## ଟ୍ରେନ୍ ରହଣି

**ଗଞ୍ଜାମ** ଜିଲ୍ଲା ଆସିକା ରେଳଷ୍ଟେସନଠାରେ ଆଜି ଦୁଇଟି ଦ୍ରୁତଗାମୀ ଟ୍ରେନ୍ ଫାଲକନାମା ଏବଂ ବିଶାଖା ପରୀକ୍ଷାମୂଳକ ଭାବେ ରହଣି କରିଛନ୍ତି। ସାଂସଦ ଅନୀତା ଶୁଭଦର୍ଶିନୀ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଖଲିକୋଟ ରେଳଷ୍ଟେସନଠାରେ ପ୍ରଥମେ ଏହି ଦୁଇଟି ଟ୍ରେନ୍‌କୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

## ପରିଷଦ ବୈଠକ

**ନୟାଗଡ଼** ଜିଲ୍ଲାପରିଷଦର ଏକାଦଶତମ ସାଧାରଣ ବୈଠକ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବାଚସ୍ପତି ତଥା ରଣପୁର ବିଧାୟିକା ସୁରମା ପାଢ଼ୀ, ବିଧାୟକ ଅରୁଣ କୁମାର ସାହୁ, ରମେଶ ଚନ୍ଦ୍ର ବେହେରା, ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ସମେତ ଜିଲ୍ଲାପାଳ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ।

## ସାଇକ୍ଲୋଥୋନ

କେନ୍ଦ୍ରୀୟ ଔଦ୍ୟୋଗିକ ସୁରକ୍ଷା ବଳ-ସିଆଇଏସ୍ଏଫ୍ ଦ୍ୱାରା ଆସନ୍ତାକାଲିଠାରୁ ଫେବୃୟାରୀ ମାସ ୨୨ ତାରିଖ ପର୍ଯ୍ୟନ୍ତ ‘ବନ୍ଦେ ମାତରମ୍ କୋଷ୍ଟାଲ ସାଇକ୍ଲୋଥୋନ୍-୨୦୨୬’ ଆୟୋଜିତ ହେବ। ରାଷ୍ଟ୍ରୀୟ ନିରାପତ୍ତା, ଉପକୂଳ ସୁରକ୍ଷା ଏବଂ ଦେଶଭକ୍ତିର ଭାବନାକୁ ଜନସାଧାରଣଙ୍କ ମଧ୍ୟରେ ପହଞ୍ଚାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ।

## ଫୁଟବଲ୍

**ନୟାଗଡ଼** ଖେଳପଡିଆରେ ଚାଲିଥିବା ସର୍ବଭାରତୀୟ ନୟାଗଡ଼ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ମଙ୍ଗଳା କ୍ଲବ୍ କଟକ ଭଞ୍ଜନଗରକୁ ୧/୦ ଗୋଲ୍‌ରେ ପରାସ୍ତ କରିଛି।

## ଫୁଟବଲ୍ ମ୍ୟାଚ୍

**ବୌଦ୍ଧ** ଜିଲ୍ଲା ତିଳେଶ୍ୱରଠାରେ ଆୟୋଜିତ ୨୨ତମ ତିଳେଶ୍ୱର ଫୁଟବଲ୍ କପ୍‌ର ଆଜିର ମ୍ୟାଚ ବରଗଡ଼ ଓ ଝାରସୁଗୁଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୩/୨ ଗୋଲ୍‌ରେ ବରଗଡ଼ ଦଳ ବିଜୟୀ ହୋଇ ଦ୍ୱିତୀୟ ସେମିଫାଇନାଲରେ ପ୍ରବେଶ କରିଛି। ଆସନ୍ତାକାଲି ବିହାର ବକ୍ସର ଏବଂ ଭଞ୍ଜନଗର ସିବି ଏକାଡେମୀ ମଧ୍ୟରେ ଖେଳ ଅନୁଷ୍ଠିତ ହେବ। ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ବିଧାୟକ ସରୋଜ କୁମାର ପ୍ରଧାନ ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ।

## ଅଭିଯୋଗ ଶୁଣାଣି

ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି।

**ଭଦ୍ରକ** ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଭଣ୍ଡାରିପୋଖରି ପଞ୍ଚାୟତସମିତି କାର୍ଯ୍ୟାଳୟରେ ଏହି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଅଧ୍ୟକ୍ଷତା କରି ୪୨ଟି ଅଭିଯୋଗର ଶୁଣାଣି କରିଛନ୍ତି।

**ନୟାଗଡ଼** ଜିଲ୍ଲା ଖଣ୍ଡପଡା ବ୍ଲକ୍‌ରେ ଅନୁଷ୍ଠିତ ଶିବିରରେ ୭୭ଟି ଅଭିଯୋଗ ବିଚାର ପାଇଁ ପଞ୍ଜୀକୃତ ହୋଇଥିବାବେଳେ ୨୦ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା।

**ପୁରୀ** କଣାସ ବ୍ଲକ୍ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଆଜି ୬୬ଟି ଅଭିଯୋଗ ମଧ୍ୟରୁ ୬ଟିର ତତ୍କାଳ ସମାଧାନ କରାଯାଇଛି।

**ନୂଆପଡ଼ା** ଜିଲ୍ଲା ବୋର୍ଡେନ୍ ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ୬୩ଟି ଅଭିଯୋଗର ଶୁଣାଣି କରାଯାଇଥିଲା।

**ରାୟଗଡ଼ା, ଦେବଗଡ଼, ସୁବର୍ଣ୍ଣପୁର** ଜିଲ୍ଲାରେ ମଧ୍ୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି।